# NATIONAL NEWS BULLETIN (ODIA)

**11 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୈତିକତା ହେଉଛି ଅର୍ଥପୂର୍ଣ୍ଣ ଜୀବନର ମୁଳଦୁଆ, ତେଣୁ ଲକ୍ଷ୍ୟ ହାସଲର ମାଧ୍ୟମ ନୈତିକତା ଉପରେ ଆଧାରିତ ହେବା ଉଚିତ୍ - କହିଲେ ରାଷ୍ଟ୍ରପତି ।

- ମରିସସ୍‌ରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଦେଶର ପ୍ରତ୍ୟେକ ଜିଲ୍ଲାରେ ଆସନ୍ତା ୩ ବର୍ଷ ମଧ୍ୟରେ ଖୋଲିବ କର୍କଟ ଯତ୍ନ କେନ୍ଦ୍ର ।

- ଜାତିସଂଘର ସ୍ୱତନ୍ତ୍ର ଅଧିବେଶନରେ ଭାରତର ମହିଳା ଓ ଶିଶୁ କୈନ୍ଦ୍ରିକ ଯୋଜନା ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ।

ଏବଂ

- ଭାରତ ଗସ୍ତରେ ଆସିବେ ଆମେରିକାର ରାଷ୍ଟ୍ରୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଲସୀ ଗବାର୍ଡ ।

## ପ୍ରେଜ୍-ପଞ୍ଜାବ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେବଳ ଭାରତ ନୁହେଁ ବରଂ ବିଦେଶର ବିଭିନ୍ନ ସଂସ୍କୃତିର ସଙ୍ଗମସ୍ଥଳ

ପାଲଟିଛି । ସେଠାକାର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ମଧ୍ୟରେ ଆମ ଦେଶର ବିବିଧତା ପ୍ରତିଫଳିତ ହେଉଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଆଜି ଭଟିଣ୍ଡାଠାରେ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଏହି ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ଦେଶର ବିବିଧତା, ଏକତା ଏବଂ ଉତ୍କର୍ଷତା ଆହୁରି ଦୃଢ଼ ଭାବରେ ପ୍ରତିପାଦିତ କରିବ ।

ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ମହିଳାଙ୍କ ବିକାଶ ଘଟିଲେ ହିଁ ସମାଜର ସର୍ବାଙ୍ଗୀନ ବିକାଶ ହୋଇପାରିବ । କାରଣ ଶିକ୍ଷିତ ମହିଳାମାନେ ଏକ ଦୃଢ଼ ସମାଜ ଗଠନ କରନ୍ତି । ରାଷ୍ଟ୍ରପତି ୧ହଜାର ୩୧ଜଣଙ୍କୁ ସ୍ନାତକୋତ୍ତର ଉପାଧି, ୬୦ଜଣଙ୍କୁ ପିଏଚ୍‌ଡି ଉପାଧି ଏବଂ ୪୩ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି । ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ୬୫ ପ୍ରତିଶତ ମହିଳା ପଦକ ହାସଲ କରିଥିବାରୁ ଆଗାମୀ ଦିନରେ ଝିଅମାନେ ଏକ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସୁନ୍ଦର ରୂପ ଦେବେ ବୋଲି ରାଷ୍ଟ୍ରପତି କହିଛନ୍ତି ।

## V/o (President Betiyan)

ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ଉଦାହରଣ ଦେଇ କହିଥିଲେ ଯେ ନୈତିକତା ହେଉଛି ଅର୍ଥପୂର୍ଣ୍ଣ ଜୀବନର ମୁଳଦୁଆ । ଜଣେ ସଫଳ ବ୍ୟକ୍ତି ହେବା ଅପେକ୍ଷା ଜଣେ ଭଲ ବ୍ୟକ୍ତି ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଲକ୍ଷ୍ୟ ହାସଲର ମାଧ୍ୟମ ନୈତିକତା ଉପରେ ଆଧାରିତ ହେବା ଉଚିତ୍ ବୋଲି ସେ କହିଥିଲେ । ପରିବେଶ ସୁରକ୍ଷା ଦିଗରେ ବିଶ୍ୱବିଦ୍ୟାଳୟର

ପଦକ୍ଷେପ ଗୁଡ଼ିକ ସନ୍ତୋଷଜନକ ବୋଲି କହିବା ସହ ରାଷ୍ଟ୍ରପତି ଏହାର ପ୍ରଶଂସା କରିଥିଲେ ।

**V/o (President Krushi)**

## ପିଏମ୍-ମରିସସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ମରିସସ୍ ଗସ୍ତରେ ଯାଇ ଆଜି ସକାଳେ ସେଠାରେ ପହଞ୍ଚିଛନ୍ତି । ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରିଥିଲେ । ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ବିମାନ ବନ୍ଦରରେ ମରିସସ୍‌ର ଉପ ପ୍ରଧାନମନ୍ତ୍ରୀ, ମୁଖ୍ୟ ବିଚାରପତି, ବାଚସ୍ପତି, ବିରୋଧୀଦଳ ନେତା, ବୈଦେଶିକ ମନ୍ତ୍ରୀ କ୍ୟାବିନେଟ୍ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ବିମାନ ବନ୍ଦରରେ ତାଙ୍କୁ ଦିଆଯାଇଥିବା ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ସେ ମରିସସ୍ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଭାରତ ଏବଂ ମରିସସ୍ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ସହଯୋଗର ନୂଆ ରାସ୍ତା ଉନ୍ମୁକ୍ତ କରିବା କ୍ଷେତ୍ରରେ ଏହା ଏକ ସୁଯୋଗ ଭାବେ ସାବ୍ୟସ୍ତ ହୋଇଛି । ଆଜି ପ୍ରଧାନମନ୍ତ୍ରୀ ମୋଦୀ ମରିସସ୍ ରାଷ୍ଟ୍ରପତି ଧରମ ଗୋଖୁଲ ଏବଂ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମଙ୍କ ସହ ଆଲୋଚନା କରିବେ ଏବଂ ଏକ ସାମୁହିକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରିସସ୍‌ରେ ପହଞ୍ଚିବା ପରେ ପ୍ରବାସୀ ଭାରତୀୟମାନେ ବିଭିନ୍ନ ନୃତ୍ୟ ସଂଗୀତରେ ସ୍ୱାଗତ କରିଥିଲେ । ଏନେଇ ଶ୍ରୀ ମୋଦୀ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ମରିସସ୍‌ରେ ରହୁଥିବା ପ୍ରବାସୀ ଭାରତୀୟମାନେ ଦେଶର ଐତିହ୍ୟ, ସଂସ୍କୃତି ଓ ମୂଲ୍ୟବୋଧକୁ ସେଠାରେ ଉଜ୍ଜୀବିତ ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଦୁଇଦିନିଆ ମରିସସ୍ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ୨୦ଟିରୁ ଅଧିକ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହିସବୁ ପ୍ରକଳ୍ପ ଗୁଡ଼ିକରେ ଭାରତ ପାଣ୍ଠି ବିନିଯୋଗ କରିଛି । ଆସନ୍ତାକାଲି ମରିସସ୍‌ର ରାଷ୍ଟ୍ରୀୟ ଦିବସ ସମାରୋହରେ ଶ୍ରୀ ମୋଦୀ ମୁଖ୍ୟଅତିଥି ଭାବେ ଯୋଗଦେବେ । ଗସ୍ତକାଳରେ ଉଭୟ ଦେଶ ମଧ୍ୟରେ ଦକ୍ଷତା ବୃଦ୍ଧି, ବାଣିଜ୍ୟ ବିକାଶ ଏବଂ ସୀମାପାର ଆର୍ଥିକ ଅପରାଧ ମୁକାବିଲା କ୍ଷେତ୍ରରେ ସହଯୋଗ ନିମନ୍ତେ ଅନେକଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

## ବିହାର ବାର୍ଡ ଫ୍ଲୁ

ବିହାରର ପାଟନା, ଭାଗଲପୁର ଏବଂ ଜେହାନାବାଦ ଜିଲ୍ଲାରେ ବାର୍ଡ ଫ୍ଲୁ ସଂକ୍ରମଣ ଦେଖାଦେଇଛି । ସେଠାକାର ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳପାଣ୍ଡେ ସ୍ଥିତି ଉପରେ କଡ଼ା ନଜର ରଖିଥିବା ସୂଚନା ମିଳିଛି । ଶ୍ରୀ ପାଣ୍ଡେ କହିଛନ୍ତି ପ୍ରଶାସନିକ ଅଧିକାରୀମାନଙ୍କୁ ବାର୍ଡ ଫ୍ଲୁ ସଂକ୍ରମଣ ନେଇ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବା ନେଇ ନିର୍ଦ୍ଦେଶ ଦିଆଯିବା ସହ ନମୂନା ସଂଗ୍ରହ କରି

ପରୀକ୍ଷା ପାଇଁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ପ୍ରକାର ପରିସ୍ଥିତିର ସାମ୍ନା କରିବା ପାଇଁ ଡାକ୍ତରଖାନା ଗୁଡ଼ିକୁ ଆଲର୍ଟରେ ରଖାଯାଇଛି । ଲୋକମାନଙ୍କୁ ଜ୍ୱର, ଥଣ୍ଡା ଏବଂ ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ଲାଗୁଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଦେବାକୁ କୁହାଯାଇଛି । ସୂଚନା ଅନୁଯାୟୀ ଗତ ୮ ଓ ୯ ତାରିଖରେ ଦୁଇଟି କୁକୁଡା ଫାର୍ମରେ ସଂକ୍ରମଣ ସନ୍ଦେହରେ କୁକୁଡା ଗୁଡ଼ିକୁ ମାରି ଦିଆଯାଇଛି । ପାଟନାର ସଞ୍ଜୟ ଗାନ୍ଧୀ ଚିଡିଆଖାନାରେ ସତର୍କତା ଅବଲମ୍ବନ କରାଯାଇଥିବା ଜଣାପଡିଛି ।

## ଆର୍‌ଏସ୍‌-କ୍ୟାନସର

ଦେଶର ପ୍ରତ୍ୟେକ ଜିଲ୍ଲାରେ ଆସନ୍ତା ୩ ବର୍ଷ ମଧ୍ୟରେ କର୍କଟ ଯତ୍ନ କେନ୍ଦ୍ର ଖୋଲାଯିବ । ଆଜି ରାଜ୍ୟସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା କହିଛନ୍ତି ୨୦୨୫-୨୬ ଆର୍ଥିକ ବର୍ଷରେ ୨୦୦ କେନ୍ଦ୍ର ଖୋଲାଯିବ । ସେ କହିଛନ୍ତି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନାରୋଗ୍ୟ ଯୋଜନାରେ କର୍କଟ ରୋଗ ଚିହ୍ନଟ ହେବାର ୩୦ ଦିନ ମଧ୍ୟରେ ଚିକିତ୍ସା ଆରମ୍ଭ କରାଯାଇଥାଏ । କେନ୍ଦ୍ର ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଲୋକମାନଙ୍କୁ ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା

ଯୋଗାଇ ଦେବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ନଡ୍ଡା ଗୃହକୁ ଜଣାଇଛନ୍ତି ।

## ଏଲ୍ଏସ୍ ମନରେଗା

ଦେଶରେ ଯେଉଁଠି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଯୋଜନା କାର୍ଯ୍ୟକାରୀ କରିବାରେ ଉଲ୍ଲଙ୍ଘନ ହେଉଛି ସେଠାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଜି ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି କେନ୍ଦ୍ର ସରକାର ମନରେଗା ଯୋଜନାରେ ଅନିୟମିତତା ହୋଇଥିବା କ୍ଷେତ୍ରରେ ସ୍ୱତନ୍ତ୍ର ଟିମ୍ ପଠାଇ ତଦନ୍ତ କରିବେ । ପ୍ରଶ୍ନକାଳରେ ବିଭାଗୀୟ ମନ୍ତ୍ରୀ କମଲେଶ ପାଶୱାନ କହିଛନ୍ତି ବିଗତ ବର୍ଷ ଗୁଡ଼ିକରେ କେନ୍ଦ୍ର ସରକାର ମନରେଗା ଯୋଜନାରେ ପାଣ୍ଠି ଆବଣ୍ଟନ ପରିମାଣ ଯଥେଷ୍ଟ ବୃଦ୍ଧି କରିଛନ୍ତି । ୨୦୦୬-୦୭ ଆର୍ଥିକ ବର୍ଷରେ ୟୁପିଏ ଶାସନ ସମୟରେ ଏହି ଯୋଜନାରେ ୧୧ହଜାର କୋଟିରୁ ଅଧିକ ଟଙ୍କା ଆବଣ୍ଟନ କରାଯାଇଥିବାବେଳେ ୨୦୨୪-୨୫ରେ ଏହା ୮୬ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସେ କହିଛନ୍ତି ଖୁବ୍ଶୀଘ୍ର ଶ୍ରମିକମାନଙ୍କ ବକେୟା ଦେୟ ପ୍ରଦାନ କରାଯିବ । ତେବେ ସହରାଞ୍ଚଳ ପାଇଁ ମନରେଗା ଭଳି

କୌଣସି ଯୋଜନା କାର୍ଯ୍ୟକାରୀ ହେବାର ପ୍ରସ୍ତାବ ନାହିଁ ବୋଲି ସେ ଗୃହକୁ ଜଣାଇଥିଲେ ।

## ଅନ୍ନପୂର୍ଣ୍ଣା ଦେବୀ ସିଏସ୍‌ଡବ୍ଲ୍ୟୁ ନେଟଓ୍ୱର୍କ

କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମହିଳା ଓ ଶିଶୁମାନଙ୍କ ସଶକ୍ତିକରଣ, ସୁରକ୍ଷା ଏବଂ ସାମଗ୍ରିକ ବିକାଶ ପାଇଁ ଭାରତ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଗତକାଲି ନ୍ୟୁୟର୍କରେ ଜାତିସଂଘର ମହିଳା ସ୍ଥିତି ଆୟୋଗର ଅଣସ୍ତରୀତମ ଅଧିବେଶନକୁ ସମ୍ବୋଧିତ କରି ସେ ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ୧୨ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସମ୍ବନ୍ଧରେ ଆଲୋଚନା କରିଥିଲେ ।

ସେ କହିଥିଲେ ଭାରତରେ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଉନ୍ନତି ପାଇଁ ଅନେକଗୁଡ଼ିଏ ପ୍ରଭାବକାରୀ ଯୋଜନା ପ୍ରଣୟନ କରାଯାଇଛି । ପ୍ରତ୍ୟେକ ମହିଳା ଏବଂ ଝିଅଙ୍କୁ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସରକାର ଅଗ୍ରାଧିକାର ଭିତ୍ତିରେ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରୁଛନ୍ତି । ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ଏବଂ ପ୍ରତ୍ୟେକ ଶିଶୁଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇଦେବା ସରକାରଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି ।

ଏହି ଅଧିବେଶନରେ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର, ଆନ୍ତଃ ସରକାରୀ ସଂଗଠନ, ଘରୋଇ କ୍ଷେତ୍ର, ସମାଜସେବୀ, ଶିକ୍ଷାବିତ୍ ଓ ମହିଳା ସଂଗଠନ ଗୁଡ଼ିକ ଅଂଶଗ୍ରହଣ କରିଥିଲେ ।

## ଗ୍ରୀନ୍‌ଲ୍ୟାଣ୍ଡ ଇଲେକ୍ସନ

ଗ୍ରୀନ୍‌ଲ୍ୟାଣ୍ଡରେ ଆଜି ମତଦାନ ହେବ । ଖଣିଜ ପଦାର୍ଥରେ ସମୃଦ୍ଧ ଏବଂ ଉତ୍ତର ଆଟଲାଣ୍ଟିକ୍‌ରେ ଅବସ୍ଥିତ ଗ୍ରୀନ୍‌ଲ୍ୟାଣ୍ଡରେ ଆମେରିକା ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ନିର୍ବାଚନ ଉପରେ ନଜର ରଖିଛନ୍ତି । ଡେନ୍‌ମାର୍କ ଏବଂ ଆମେରିକା ସହିତ ସ୍ୱାଧୀନତା ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବର୍ତ୍ତମାନ ସମୟରେ ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ଚଳିତ ନିର୍ବାଚନରେ ଅର୍ଥନୀତି, କର୍ମନିଯୋଜନ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀ ମୁଟେ ଏଗେଡେଙ୍କ ନେତୃତ୍ୱାଧୀନ ଇନୁଇଟ ଆତାକାଟିଗିଟ ଦଳ ୧୨ଟି ଆସନ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି । ସେହିପରି ଏରିକ୍ ଜେନ୍‌ସେନ୍‌ଙ୍କ ନେତୃତ୍ୱାଧୀନ ଦ୍ୱିତୀୟ ବୃହତ୍ତମ ଦଳ ଭାବେ ୧୦ଟି ଆସନ ସହିତ ସିୟୁମୁଟୋ ନିର୍ବାଚନ ଲଢୁଛି ।

## ତୁଳସୀ ଗବାର୍ଡ-ଇଣ୍ଡିଆ ଭିଜିଟ୍

ଆମେରିକାର ରାଷ୍ଟ୍ରୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଳସୀ ଗବାର୍ଡ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗସ୍ତରେ ଆସି ଭାରତ ଆସିବେ ବୋଲି ଜଣାପଡିଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଗବାର୍ଡ କହିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ଏବଂ ସ୍ୱାଧୀନତା ଲକ୍ଷ୍ୟ ହାସଲ ନିମନ୍ତେ ଦୃଢ଼ ସମ୍ପର୍କ ସ୍ଥାପନ ଏହି ଗସ୍ତର ଲକ୍ଷ୍ୟ । ଆମେରିକାର ରାଷ୍ଟ୍ରୀୟ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ଗାବାର୍ଡଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଏହାପୂର୍ବରୁ ଗତମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ସମୟରେ ଗବାର୍ଡଙ୍କୁ ସାକ୍ଷାତ୍ କରିଥିଲେ ।

## ଆର୍ମେନିଆନ ଜୟଶଙ୍କର

ଆର୍ମେନିଆର ବୈଦେଶିକ ବ୍ୟାପାର ମନ୍ତ୍ରୀ ଆରାତ ମିର୍‌ଜୋୟାନ ଆଜି ଭାରତ ଗସ୍ତ ସମୟରେ ଆତିଥେୟତା ପାଇଁ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କୁ କୃତଜ୍ଞତା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ଉଭୟ ଦେଶ ମଧ୍ୟରେ ଆଲୋଚନା ଫଳପ୍ରଦ ହୋଇଥିବା କହିଛନ୍ତି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲାଗି ଉଭୟ ନେତା ଆଗ୍ରହୀ ଅଛନ୍ତି ବୋଲି ସେ କହିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ନିମନ୍ତ୍ରଣ କ୍ରମେ

ଆର୍ମେନିଆର ବୈଦେଶିକ ମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସହ ଭାରତ ଗସ୍ତରେ ଆସିଛନ୍ତି । ଏହି ଗସ୍ତ କାଳରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ବୃଦ୍ଧି କରିବା ଲାଗି ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ଜେକେ-ଆକ୍ସିଡେଣ୍ଟ

ଜାମ୍ମୁକାଶ୍ମୀରର ରିଆସି ଜିଲ୍ଲାରେ ଆଜି ଏକ ଟେମ୍ପୋ ଭାରସାମ୍ୟ ହରାଇ ଗଭୀର ଘାଟୀକୁ ଖସିପଡିବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ୧୦ଜଣ ଆହତ ହୋଇଛନ୍ତି । ମହୋର ତହସିଲ ଅନ୍ତର୍ଗତ ଗଙ୍ଗୋଟଠାରେ ଏହି ଦୁର୍ଘଟଣା ଘଟିଛି । ଆହତମାନଙ୍କୁ ପୋଲିସ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରୁ ଗୁରୁତର ୪ଜଣଙ୍କୁ ଜମ୍ମୁ ସରକାରୀ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି ।